# ମାଣ୍ଡିଆରେ ପାଟଳ କାଣ୍ଡ ବିନ୍ଧା ପୋକ
(Pink stem borer in ragi)





ପ୍ରଜାପତିଟି ମଧ୍ୟମ ଧରଣର ଓ ଦେଖିବାକୁ ବଳିଷ୍ଠ । ଆଗ ଡେଣା ନଡା ରଙ୍ଗର । ଡେଣା ମଝିରେ ଗାଢ ବାଦାମି ରଙ୍ଗର ଗାର ଉପରୁ ତଳକୁ ଲମ୍ବିଥାଏ । ମାଆପୋକ କାଣ୍ଡ ଓ ପତ୍ରାଚ୍ଛାଦ ମଧ୍ୟରେ ଗୁଚ୍ଛରେ ହଳଦିଆ ରଙ୍ଗର ଅଣ୍ଡା ଦେଇଥାଏ । ୩-୫ ଦିନ ମଧ୍ୟରେ ଅଣ୍ଡାରୁ ଛୁଆ ବାହାରେ । ଶୂକ ରଙ୍ଗ ପାଟଳରୁ ବାଦାମି । ମୁଣ୍ଡ ନାଲିଆ ବାଦାମି । ପ୍ରାପ୍ତ ବୟସ୍କ ଶୂକ ପ୍ରାୟେ ୨.୫ ସେ.ମି. ଲମ୍ବା । ଶୂକର ଜୀବନକାଳ ୨୫ – ୩୦ ଦିନ । କୋଷକାଳ ୮- ୧୦ ଦିନ । କାଣ୍ଡରେ କୋଷାବସ୍ଥା ପାରିକରିଥାଏ । ପତ୍ର କନ୍ଦା ମଧ୍ୟରେ ଶୂକ ରୁଣ୍ଡ ହୋଇଥାନ୍ତି ଏବଂ ମଝି ପତ୍ରଖାଇ "ପିନ ହୋଲ" କରିଥାଆନ୍ତି । ପରେ ପରେ ମଝି କନ୍ଦାକୁ ପ୍ରବେଶ କରନ୍ତି । ଅତ୍ୟଧିକ କ୍ଷତିଗ୍ରସ୍ତ ହେଲେ ମଝିକନ୍ଦା ଶୁଖିଯାଏ ଏବଂ ଏହାକୁ "ମଞ୍ଜୀକୀଳା" ବୋଲି କୁହାଯାଏ । ଶୂକମାନେ ପ୍ରବେଶ ଦ୍ୱାରାକୁ ମଳଦ୍ୱାରା ବନ୍ଦ କରିନିଅନ୍ତି । ପରବର୍ତ୍ତୀ ଅବସ୍ଥାରେ କେଣ୍ଡା ଅଗାଡିଆ ହୋଇଯାଏ ଏହାକୁ "ଧଳାକେଣ୍ଡା" କୁହାଯାଏ

## ନିୟନ୍ତ୍ରଣ

### କ) ଅଣ୍ଡା ଅବସ୍ଥାରେ ନିୟନ୍ତ୍ରଣ -

- ଫସଲ ଅମଳ ପରେ ଖରାଦିନେ ବଡ ଫାଳ ଲଙ୍ଗଳ ସାହାଯ୍ୟରେ ଜମି ହଳ କରନ୍ତୁ, ଯାଦ୍ୱାରା ମାଟିରେ ଥିବା ଅଣ୍ଡାଗୁଡିକ ସୂର୍ଯ୍ୟାଲୋକରେ ନଷ୍ଟ ହୋଇଯିବ
- ଜମିରୁ ଅନାବନା ଘାସ ବାଛନ୍ତୁ ଏବଂ ଶୀଘ୍ର ରୋପା କରନ୍ତୁ
- ଫସଲ କଟା ହେବା ପରେ ଫସଲର ଅବଶିଷ୍ଟ ଅଂଶକୁ ନଷ୍ଟ କରିଦିଅନ୍ତୁ
- ଜମି ସର୍ବେକ୍ଷଣ କରନ୍ତୁ, ପତ୍ରରେ ଲାଗିଥିବା ଅଣ୍ଡାଗୁଡିକୁ ସଂଗ୍ରହ କରି ସର୍ଫ ମିଶା ପାଣିରେ ପକାଇ ଦେଇ ନଷ୍ଟ କରି ଦିଅନ୍ତୁ
- ଏକରକୁ ୬୦୦୦୦ ଟ୍ରାଇକୋଗାମା ଅଣ୍ଡାକୁ ମାଣ୍ଡିଆ ରୋପାର ୧୫ ଦିନ ପରେ ଜମିରେ ବସାନ୍ତୁ, ଯାହାଦ୍ୱାରା ଟ୍ରାଇକୋଗାମା ପୋକ ଅଣ୍ଡାରୁ ବାହାରି କାଣ୍ଡ ବିନ୍ଧା ପୋକର ଅଣ୍ଡା ମଧ୍ୟକୁ ପ୍ରବେଶ କରି ନଷ୍ଟ କରିଦେବେ
- ମାଣ୍ଡିଆ ରୋପିବାର ୧୫-୨୦ ଦିନ ପରେ ୧୦ ଲିଟର ପାଣିରେ ୧୦ ଗ୍ରାମ କାରଟାପ ହାଇଡ୍ରୋକ୍ଲୋରାଇଡ ମିଶାଇ ସ୍ପ୍ରେ କରନ୍ତୁ

## ଖ) ଲାର୍ଭା ଅବସ୍ଥାରେ ନିୟନ୍ତ୍ରଣ –



- ଜମିରେ ଚଢେଇ ବସିବା ପାଇଁ ଛୋଟ ଛୋଟ ଡାଳ ପୋତନ୍ତୁ, ଯାହାଦ୍ୱାରା କି ଚଢେଇ ମାନେ ଡାଳରେ ବସି ସହଜରେ ଲାର୍ଭା ଦେଖି ଖାଇ ପାରିବେ
- ୨୦ ଲିଟର ପାଣିରେ ୧ ଲିଟର ହାଣ୍ଡିଖତର ନିର୍ଯାସକୁ ଗୋଳାଇ ସ୍ପ୍ରେ କରନ୍ତୁ କିମ୍ବା ୧ ଲିଟର ନିମ୍ବାସ୍ତ୍ର ସ୍ପ୍ରେ କରନ୍ତୁ
- ୨୦ ଲିଟର ପାଣିରେ  ୧ ଲିଟର ବ୍ରାହ୍ମାସ୍ତ୍ରର ନିର୍ଯାସକୁ ଗୋଳାଇ ସ୍ପ୍ରେ କରନ୍ତୁ
- ୧୦ ଲିଟର ପାଣିରେ ୩୦ ମି.ଲି. ନିମ୍ବତେଲ ଗୋଳାଇ ପ୍ରତି ୧୦ ଦିନରେ ଥରେ ସ୍ପ୍ରେ କରନ୍ତୁ
- ୧ ଲିଟର ପାଣିରେ ୧.୫ମି.ଲି. ମନୋକ୍ରୋଟୋପସ – ୩୬ WSC  କିମ୍ବା ୨.୦ ମି.ଲି. କୁଇନାଲଫସ – ୨୫ EC କିମ୍ବା ୨.୫ ମି.ଲି. କ୍ଲୋରୋପ୍ୟାରିଫସ – ୨୫ EC ମିଶାଇ ସ୍ପ୍ରେ କରନ୍ତୁ

## ଗ) ପ୍ରଜାପତି ଅବସ୍ଥାରେ ନିୟନ୍ତ୍ରଣ –

- ଜମିର ହୁଡାରେ ରାତିରେ ନିଆଁ ଜାଳନ୍ତୁ, ଯଦ୍ୱାରା କାଣ୍ଡ ବିନ୍ଧା ପ୍ରଜାପତି ଗୁଡିକ ସେଥିରେ ପଡି ମରିଯିବେ
- ଜମିରେ ଛୋଟ ଛୋଟ ଡାଳ ପୋତି ବୁଢିଆଣୀ ଛାଡନ୍ତୁ, ଯଦ୍ୱାରା ସେମାନେ ଜାଲ ପ୍ରସ୍ତୁତ କରି ପ୍ରଜାପତିଙ୍କୁ ମାରି ପାରିବେ
- ଏକ ଏକର ଜମିରେ ୮ ରୁ ୧୦ ଟି ଫେରୋମୋନ ଯନ୍ତା ବସାନ୍ତୁ, ଯଦ୍ୱାରା କାଣ୍ଡ ବିନ୍ଧା ପୋକର ବଂଶ ବୃଦ୍ଧି ରୋକାଯାଇ ପାରିବ





